# ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

## ଓଡ଼ିଆ ଭାଷା ସାହିତ୍ୟ ବିଭାଗ

ରାଜ୍ୟସ୍ତରୀୟ

**ଦୂରସଞ୍ଚାରୀ ଆଲୋଚନାଚକ୍ର (Webinar)**

ବିଷୟ : ମନୋଜ ଦାସଙ୍କ ଉପନ୍ୟାସରେ ସାଂସ୍କୃତିକ ମୂଲ୍ୟବୋଧ ଓ ଦାର୍ଶନିକ ଚିନ୍ତନ

**Cultural Values & Philosophical Insight in Manoj Das's Novel**

ଆଲୋଚକ- ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ



ତାରିଖ : ୧୪.୦୨.୨୦୨୨, ସୋମବାର

ସମୟ : ସକାଳ ୧୧.୦୦

## REPORT

A State level webinar of the topic " Cultural Values & Philosophical Insight in Manoj Das's Novel" was organized by the Department of Odia, Pattamundai College, Pattamundai at 11.00 am on 14.02.2022, under the chairmanship of Prof. Prabhakar Rout, Principal of this College. Prof. Krushna Chandra Pradhan, P.G Department of Odia, Central University, Koraput was the resource person of the said webinar. At the outset, Dr. Nilamani Lenka, Head of the Department and Convener of the webinar delivered key note address of the topic. Principal Prof. Prabhakar Rout, welcomed the resource person and also participants. Dr. Premalata Rout Reader in Odia and Co-Convener introduced the guests. After the deliberation of the resource person, a question answer session was conducted by Mr. Pramod Kumar Swain, Reader in Odia. The webinar was attended by lecturers, Readers, Associate Professors, Academicians, Research Scholars, and Students across the state numbering 129.

The webinar was ended with vote of thanks by Smt. Laxmi Priya Patra Lect. in Odia.

Nilamani Lenka
14.2.22

**Head**
**Dept. of Odia**
**Pattamundai College**

H.O.D. Odia
Pattamundai College

OFFICE OF THE PRINCIPAL Mobile : 9437376724

# PATTAMUNDAI COLLEGE

NAAC ACCREDITED B GRADE

PATTAMUNDAI, KENDRAPARA, ODISHA - 754215

Ref No. :....147............... Date..10/2/2022....

To

**Prof Krushna Chandra Pradhan,**

PG Department of Odia,

Central University, Koraput,Odisha.

Sub:- Request to act as resource person in State level Webinar

Sir,

I am glad to inform you that ,the department of Odia of our college is going to organise a State level Webinar at 11 AM on 14-02-2022 on the topic " **Manoj Dasanka Upanyasare Sanskrutika Mulyabodha o Darsanika Chintana".**

So you are requested to grace the occasion as the esteemed resource person and extend your kind consent through the college mail.

**Principal,**

10-2-2022

**Pattamundai College**

www.pattamundaicollege.ac.in,

E-mail : pattamundaicollege@gmail.com, pattamundaicollege@yahoo.com

To,

The Principal.
Pattamundai college
Pattamundai

Sub- Consent to attend the webinar
Ref:- Your letter No-147, dt-10.02.2022.

Sir;

With reference to your letter cited above, I am giving my consent to attend the state level webinar on 14.02.2022 at 11 A.M on the topic "Manoj Dasanka upanyasare Sanskrutika Mulyabodha O Darsanika Chintana" in your college.

This is for your kind information and necessary action.

Thanking you.

Yours Sincerely

Krushna Chandra Pradhan
Central University of Odisha,
Koraput

Koraput
D- 11.02.2022

# *C.V. of Prof. Krushna Chandra Pradhan*

***P.G Department of Odia, Central University, Koraput***

- Name: Prof. Krushna Chandra Pradhan
- Educational Qualification- M.A , M.Phil, Ph.d., D.Litt
- Job Profile- Joined as Lecturer in G.C. College , Attagarh then in S.N. College, Rajnagar then joined as Prof. in Odia Department of Brahmapur University and in Sambalpur University.
- Presently working in Central University, Koraput as Prof. in Odia department.
- 35 PhD, 03 D.Litts. and 80 M.Phil candidates were awarded under my guidance.
- Written more than 51 books in Odia Literature and reference books for the subject.
- Published more than 152 papers in National and International journals ,seminars and conferences.
- Member of General body of Odia Sahitya Academy and Kendra Sahitya Academy.
- Associated with many social activities and different organizations.

# DEPARTMENT OF ODIA

# PATTAMUNDAI COLLEGE

Pattamundai, Kendrapara, Odisha

In association with

## Internal Quality Assurance Cell (IQAC)

Organize:

A NATIONAL LEVEL WEBINAR ON " ମନୋଜ ଦାସଙ୍କ ଉପନ୍ୟାସରେ ସାଂସ୍କୃତିକ ମୂଲ୍ୟବୋଧ ଓ ଦାର୍ଶନିକ ଚିନ୍ତନ(Cultural Values And Philosophical Insight in Monoj Dash's Novel)"

## On 14th February 2022 at 11am

## Platform : Zoom Meeting App and YouTube live



Resource Person:
Prof. Krushna Chandra Pradhan
Department of Odia
Central University, Koraput



Prof. Prabhakar Rout
Principal
Pattamundai College



Convenor:
Dr. Nilamani Lenka
Head, Department of Odia
Pattamundai College



Co Convenor
Dr. Premalata Rout
Reader in Odia
Pattamundai College

[illegible] https://forms.gle/zxfHgJwghbpMCuNj6

No registration fee

E-certificate to all participants

ସାମାନ୍ୟ ପରିଚୟ : 'ଅମୃତ ଫଳ' । ପ୍ରଥମ ପ୍ରକାଶ ଜାନୁଆରୀ ୧୯୯୬ ଏବଂ ଏକାଦଶ ସଂସ୍କରଣ ଜୁନ୍ ୨୦୧୦ । ପ୍ରକାଶକ, ବିଦ୍ୟାପୁରୀ ବାଲୁବଜାର, କଟକ -୨ । କଥକ - ମନୋଜ ଦାସ । ଅଧିକଥାଟି ସରସ୍ୱତୀ ସମ୍ମାନପ୍ରାପ୍ତ । ସମୁଦାୟ ୨୧ ଟି ପରିଚ୍ଛେଦ ।

ଆରମ୍ଭ: କଥକ ମନୋଜ ଦାସଙ୍କ ଅଧିକଥା 'ଅମୃତଫଳକୁ' ଭିତ୍ତିକରି ଏ ପ୍ରବନ୍ଧ ପ୍ରସ୍ତୁତ । ପ୍ରବନ୍ଧରେ ମେଟାଫିକ୍ସନ୍ ବା ଅଧିକଥାର ବିବିଧ ଅନୁଷଙ୍ଗ ତଥା ବିଶେଷତ୍ୱ ସହିତ କିଭଳି 'ଅମୃତଫଳର' ସାଦୃଶ୍ୟ, ବୈସାଦୃଶ୍ୟ ବା ସମାନ୍ତରତାନ୍ତ୍ରୀୟ ସ୍ଥାନକାଳପାତ୍ରଗତ ସଂସ୍କୃତି ରହିଛି, ତାହା ଆଲୋଚନା କରିବାପାଇଁ ଚେଷ୍ଟା କରାଯାଇଛି । 'ମେଟା'ବା 'Meta' ହେଉଛି ଏକ ଇଂରାଜୀ Prefix ବା ପୂର୍ବବନ୍ଧ ରୂପିମ ବା ଉପସର୍ଗ । ଏହି 'Meta' ଉପସର୍ଗକୁ ଲଗାଇ ବିଭିନ୍ନ ପ୍ରକାରର ଇଂରାଜୀ ଶବ୍ଦ ଗଠିତ ହୋଇଥିବାର ଆମେ ଲକ୍ଷ୍ୟ କରୁ । ଯେପରିକି : Metaphysics, Meta language, Metathesis ଇତ୍ୟାଦି । 'Meta' ଉପସର୍ଗର ଇଂରାଜୀ ଅର୍ଥ ହେଉଛି 'Higher, after', 'Beyond'ବା 'Transcending' । ଏହାର ଓଡ଼ିଆ ଅର୍ଥ ହେଉଛି 'ଊର୍ଦ୍ଧ୍ୱତର', 'ବହିର୍ଭୂତ', 'ଉପର' ବା 'ଅଧି' । ତେଣୁ ଆମେ ଯେତେବେଳେ Metafiction ବୋଲି କହୁ ସେତେବେଳେ ପାରମ୍ପରିକ fiction ବା ପାରମ୍ପରିକ ଉପନ୍ୟାସରେ ଯେଉଁ ବ୍ୟାକରଣ, ମାନକ, ବିଧାନ, ଆନୁକ୍ରମିକତା, ଏକକତ୍ରୟୀ, ଧାରାବାହିକ ଘଟଣାକ୍ରମ ଇତ୍ୟାଦି ଉପନ୍ୟାସଗତ ଗଠନରୀତି ସବୁ ରହିଥିଲା - ସେସବୁକୁ ଅତିକ୍ରମ କରି ଅର୍ଥାତ୍ ଚିରାଚରିତ ଉପନ୍ୟାସ ରଚନାଗତ ପ୍ରାରୂପ ତଥା ବକ୍ତବ୍ୟ ଇତ୍ୟାଦିକୁ ଅତିକ୍ରମ କରି ଏହି Metafiction ବା ଅଧିକଥାକୁ ରଚନା କରାଯାଇଥାଏ । ମୋଟ ଉପରେ କହିଲେ ଚିରାଚରିତ ଉପନ୍ୟାସ ରଚନାଗତ ବ୍ୟାକରଣ ବହିର୍ଭୂତ ଏକ କଥାସାହିତ୍ୟ ଆମେ Metafictionକୁ ଗ୍ରହଣ କରିପାରିବା । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ Metafictionର ବିଭିନ୍ନ ବିଶେଷତ୍ୱକୁ ଅବଲମ୍ବନ କରି 'ଅମୃତଫଳ' ଉପନ୍ୟାସକୁ ଚର୍ଚ୍ଚା କରାଯିବ ।

ପ୍ରଥମେ ଲେଖକ ବା କଥକ ମନୋଜ ଦାସ ତାଙ୍କ 'କୈଫିୟତ୍ ନାମା'ରେ କେମିତି ଏହି ଅଧିକଥାଟିକୁ ଅଧିକଥା ଜାତୀୟ ଏକ ଉପନ୍ୟାସ ଭାବରେ ଗ୍ରହଣ କରିବାପାଇଁ ପାଠକମାନଙ୍କୁ ଅନୁରୋଧ କରିଛନ୍ତି ଏବଂ ଏହି ଅନୁରୋଧ ମଧ୍ୟରେ କିଭଳି Metafictionର ସମସ୍ତ ଗୁଣଧର୍ମ ରହିଛି ତାହା ବିଚାରକୁ ନିଆଯାଉ ।

"ଉପନ୍ୟାସ ଲେଖୁଛି ନା ଅନ୍ୟକିଛି, ସେ ଚିନ୍ତା କରିନାହିଁ । ଥରେ ଥରେ ମନେହୋଇଛି, ଯଦି ପ୍ରାୟୋପନ୍ୟାସ (ଉପନ୍ୟାସ-ପ୍ରାୟ କଥାସାହିତ୍ୟ) ନାମରେ ସୃଜନଶୀଳ ଲେଖାର କୌଣସି ବିଭବ ଥା'ନ୍ତା, ଏହା ସେହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହୁଅନ୍ତା ।

ନମ୍ର ଏବଂ ସ୍ପଷ୍ଟ ଭାବରେ କହିରଖେ ଏହା ଐତିହାସିକ ଉପନ୍ୟାସ ନୁହେଁ । ପ୍ରେରଣା - ପ୍ରସୂତ ଏକ ଉପନ୍ୟାସ (ବା ପ୍ରାୟୋପନ୍ୟାସ) । ଏହାର ବାସ୍ତବତା ତଥ୍ୟଭିତ୍ତିକ ନୁହେଁ । ବାସ୍ତବତାର ଆବରଣ ମୋର

ପାଠକମାନେ ତଥ୍ୟ ଏବଂ ଇତିହାସଠୁ ଭିନ୍ନ ମାନଦଣ୍ଡ ପ୍ରୟୋଗଦ୍ୱାରା କରିବେ ବୋଲି ମୁଁ ଆଶାବାନ୍ ।" (ମନୋଜ ଦାସ – ଏକ ପ୍ରାୟୋପନ୍ୟାସ – ସଂକ୍ଷିପ୍ତ କୈଫିୟତ) ।

Metafiction ବା ଅଧିକଥାରେ କଥକ ସିଧାସଳଖ ପାଠକମାନଙ୍କୁ ସମ୍ବୋଧନ କରି ତାଙ୍କର କଥନ କାର୍ଯ୍ୟ ଆରମ୍ଭ କରନ୍ତି । ଯେଉଁ କଥନ କାର୍ଯ୍ୟ ସଂପାଦନ କରିଛନ୍ତି ମନୋଜ ଦାସ ନିଜ ରଚନାରେ । ସେ ସିଧାସଳଖ ପାଠକମାନଙ୍କୁ ସମ୍ବୋଧନ ବା address କରି ଉପନ୍ୟାସ ସଂପର୍କରେ ସୂଚନା ଦେଇଛନ୍ତି ।

ହିଷ୍ଟୋରିଓଗ୍ରାଫିକ୍ ଅଧିକଥାରେ ଐତିହାସିକ ସଂପୃକ୍ତି ରହିଥାଏ । ଐତିହାସିକ ପ୍ରସଂଗକୁ ପୁନଃପରିଚିତି ପ୍ରଦାନ କରାଯାଇଥାଏ । ଏ ଧରଣର କଥା ରଚନା ହେଉଛି ଉଭୟ ଐତିହାସିକ ଏବଂ କାଳ୍ପନିକ ଶାରସ୍ୱତ କର୍ମ ମଧ୍ୟରୁ ଏକ ସଂଯୋଗ ସେତୁ । ଇତିହାସର ପୁନରାବିଷ୍କରଣ କିମ୍ବା ପୁନର୍କଥନ କିମ୍ବା ପୁନଃନିର୍ମାଣ ହେଉଛି ହିଷ୍ଟୋରିଓଗ୍ରାଫିକ୍ ଅଧିକଥାର ପ୍ରଧାନ ଉପଜୀବ୍ୟ । ଏହି ଧରଣର କଥା ରଚନାରେ ଇତିହାସର ଅନ୍ତର୍ଗତ ବିବକ୍ଷା ବା implicature ପଦ୍ଧତି ଏବଂ ଅତୀତର ସ୍ଥିର ଜ୍ଞାତବ୍ୟତାକୁ ପ୍ରଶ୍ନ କରାଯାଇଥାଏ । ଏ ଧରଣର କଥାୟନକୁ ପୁନର୍ନିରୀକ୍ଷଣ, ପୁନର୍ଉପସ୍ଥାପନ, ପୁନର୍ପ୍ରସଙ୍ଗୀକରଣ ମଧ୍ୟ କୁହାଯାଇପାରେ ।

ମନୋଜ ଦାସଙ୍କର 'ଅମୃତଫଳ'ରେ ଉପର ଆଲୋଚିତ ହିଷ୍ଟୋରିଓଗ୍ରାଫିକ୍ ମେଟାଫିକ୍ସନର ସମସ୍ତ ଗୁଣଧର୍ମ ପୂର୍ଣ୍ଣମାତ୍ରାରେ ଦୃଷ୍ଟିଗୋଚର ହୋଇଥାଏ ।

'ଅମୃତଫଳ' କଥା ରଚନାରେ ମୁଖ୍ୟତଃ ଚାରୋଟି କଥା କେନ୍ଦ୍ର ରହିଛି । ଏଗୁଡ଼ିକ ଯଥାକ୍ରମେ ଇତିହାସ, କିମ୍ବଦନ୍ତୀ, କଳ୍ପନା ଏବଂ ଉତ୍ତରସଂରଚନାବାଦୀ ସମକାଳୀନ ବିଶ୍ୱ ପ୍ରେକ୍ଷାପଟ । ଐତିହାସିକ କେନ୍ଦ୍ର ଭାବରେ ଭର୍ତ୍ତୃହରି, ଉଜ୍ଜୟିନୀ, ବିକ୍ରମାଦିତ୍ୟ, ଭର୍ତ୍ତୃହରି ଗୁମ୍ଫା ପ୍ରଭୃତିକୁ ଗଣନା କରାଯାଇପାରେ । କିମ୍ବଦନ୍ତୀ କେନ୍ଦ୍ର ଭାବରେ ଯେଉଁ ସ୍ଥାନ, କାଳ, ପାତ୍ର ସମୂହକୁ ବିଚାରକୁ ନିଆଯାଇପାରିବ, ସେଗୁଡ଼ିକ ହେଲେ ଅମୃତ ଫଳ, ଅର୍ଥାତ୍ ଯେଉଁ 'ଅମୃତଫଳ' ଦୀର୍ଘଜୀବନ ଓ ଯୌବନ ପ୍ରଦାନ କରିବା ସହିତ ମୃତ ସଞ୍ଜୀବନୀ ଗୁଣଧର୍ମର ମଧ୍ୟ ଅଧିକାରୀ ଥିଲା । ତା' ପରେ ସାନ ରାଣୀ, ଚଣ୍ଡମୁନି, ନର୍ତ୍ତକୀ, ଅମାତ୍ୟପ୍ରମୁଖ । ତୃତୀୟ କେନ୍ଦ୍ରଟିର ନାମ ହେଉଛି କଳ୍ପନା । ଯେଉଁ କଳ୍ପନାର ସାହାଯ୍ୟ ନେଇ ମନୋଜ ଦାସ ଦୀର୍ଘ ଦୁଇଶହ ଦୁଇ ପୃଷ୍ଠାର କଥା ରଚନାଟିକୁ ପରିପୁଷ୍ଟ କରିବାପାଇଁ ଚେଷ୍ଟା କରିଛନ୍ତି । କଳ୍ପନା କେନ୍ଦ୍ରଟି ମଧ୍ୟରେ ଅନେକ ଉପାଦାନ ରହିଛି । ସେଗୁଡ଼ିକୁ ଆଲୋଚନା ପରିପ୍ରେକ୍ଷୀରେ ବିଚାରକୁ ଅଣାଯିବ । ଚତୁର୍ଥ କେନ୍ଦ୍ରଟି ହେଉଛି ଉତ୍ତର ସଂରଚନାବାଦୀ ବିଶ୍ୱପ୍ରେକ୍ଷାପଟ । ଏହି କେନ୍ଦ୍ରର ବିଭିନ୍ନ ସ୍ଥାନ, କାଳ, ପାତ୍ର ଭାବରେ ଅମରନାଥ, ମନିଷା, ଭୂଷଣ କର୍ମକାର, କର୍ଣ୍ଣେଲ୍ ସାର୍କିଲ୍, କିଶନ୍‌ଲାଲ, ସରୋଜିନୀ, ବଳଦେବ ପ୍ରଭୃତିଙ୍କୁ ନିଆଯାଇପାରିବ ।

ତେବେ ଏହି ଉତ୍ତର ସଂରଚନାବାଦୀ ବିଶ୍ୱକୁ ଅନ୍ୟଭାଷାରେ ଉ ଆଧୁନିକ ବିଶ୍ୱ ବୋଲି ମଧ୍ୟ କୁହାଯାଏ । ଯେଉଁ ବିଶ୍ୱରେ ମନୁଷ କୌଣସି କାର୍ଯ୍ୟ–କାରଣଗତ ସମ୍ବନ୍ଧ ରହିନଥାଏ । ସେହିଭଳି ଜ ଚରିତ୍ର ହେଉଛନ୍ତି ପ୍ରଥମ ପରିଚ୍ଛେଦର ଅମରନାଥ । ପ୍ରଥମ ପରିଚ୍ଛେଦ ଯାହା ଯାହା କିମ୍ବଦନ୍ତୀମାନଙ୍କର ଘଟଣାମାନ ଘଟିଛି ସେଥିରୁ ଅମରନା ଜଣେ ଉତ୍ତର ସଂରଚନାବାଦୀ ସିଟି ଟ୍ରେଭେଲର ଭାବରେ ବିଚେ କରିବାରେ କୌଣସି ମତପାର୍ଥକ୍ୟ ରହୁନାହିଁ ।

ଆଲୋଚ୍ୟ ଅଧିକଥାଟିର ପ୍ରଥମ ପରିଚ୍ଛେଦ ଆରମ୍ଭ ହେବାପୂ କଥକ ମନୋଜ ଦାସ, 'ଏକ ପ୍ରାୟୋପନ୍ୟାସ – ସଂକ୍ଷିପ୍ତ କୈଫିୟ ଶୀର୍ଷକ ବକ୍ତବ୍ୟରେ ସମଗ୍ର କଥାରଚନାର ମହାବ୍ୟାଖ୍ୟାନକୁ ! ସଂକ୍ଷିପ୍ତରେ ଅଭିବ୍ୟକ୍ତ କରି ଦେଇଛନ୍ତି । ତାଙ୍କ କୈଫିୟତ୍ ଅନୁସ ଉଜ୍ଜୟିନୀର ରାଜା ଭର୍ତ୍ତୃହରି- ଯାହାଙ୍କୁ ଜଣେ ଯୋଗୀ ହଠାତ୍ ଜେ ଅମୃତଫଳ ଧରାଇଦେଇଥିଲେ (ସେ ଫଳର ବିଶେଷତ୍ୱ ସଂପ ପୂର୍ବରୁ ସୂଚନା ପ୍ରଦାନ କରାଯାଇଛି) ରାଜା ଭର୍ତ୍ତୃହରି ସେ ଫ ପାଇ ସାନରାଣୀଙ୍କୁ ଦେଇଛନ୍ତି । ସାନ ରାଣୀ ସେ ଫଳଟିକୁ ଦେ ଜଣେ ଯୁବ ଅମାତ୍ୟଙ୍କୁ । ଅମାତ୍ୟ ଥିଲେ ନର୍ତ୍ତକୀଙ୍କ ପ୍ରେମାସ ତେଣୁ ଅମାତ୍ୟ ସେ ଫଳଟିକୁ ନେଇ ନର୍ତ୍ତକୀଙ୍କ ହାତରେ ! କରିଛନ୍ତି । ଶେଷରେ ନର୍ତ୍ତକୀ ସେ ଫଳଟିକୁ ଭକ୍ଷଣ ନକରି ଭର୍ତ୍ତୃ ସମର୍ପି ଦେଇଛନ୍ତି ।

ଏ ପ୍ରସଙ୍ଗ ଅବଶ୍ୟ କିମ୍ବଦନ୍ତୀ କୈନ୍ଦ୍ରିକ । ତେବେ ଏଇ ଘ କେନ୍ଦ୍ରକରି ରାଣୀଙ୍କ ପ୍ରତି ଭର୍ତ୍ତୃହରିଙ୍କର ବିତୃଷ୍ଣାଭାବ ଜାତ ହେ ସାଂସାରିକ ଜୀବନ ପ୍ରତି ତାଙ୍କର ବୈରାଗ୍ୟ ଆସିଛି । ତା' ପରେ ନିଜ ଅନୁଜ ବିକ୍ରମାଦିତ୍ୟଙ୍କ ଉପରେ ରାଜ୍ୟଭାର ନ୍ୟସ୍ତକରି ପ୍ରବ୍ର ବାହାରି ଯାଇଛନ୍ତି । କିଛି ଦିନ ଅନ୍ତେ ସେ ଯୋଗୀ ହୋଇଯା ଏବଂ 'ଶୃଙ୍ଗାର ଶତକ', 'ନୀତି ଶତକ' ଏବଂ 'ବୈରାଗ୍ୟ ରଚନା କରିଛନ୍ତି ।

କଥକ ମନୋଜ ଦାସଙ୍କୁ ରାଜା ଭର୍ତ୍ତୃହରିଙ୍କ ସଂପର୍କରେ କିମ୍ବଦନ୍ତୀ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୋଇଛି । ସେଥିପାଇଁ ହରିଦ୍ୱାରଠାରେ ଅଦ୍ୟାବଧି ଅବସ୍ଥିତ ଭର୍ତ୍ତୃହରି ଗୁମ୍ଫାର ସନ୍ଧ ଯାଇଛନ୍ତି । ଯେଉଁ ଗୁମ୍ଫାରେ ଭର୍ତ୍ତୃହରି ସାଧନା କରି ଯୋଗୀରେ ହୋଇଥିଲେ, ସେହି ପୁରାତନ ଗୁମ୍ଫାକୁ । ସେଠି କଥକ ମନେ କିଛି ସମୟ ଅତିବାହିତ କରିଛନ୍ତି । ତେବେ ସେହି ଗୁମ୍ଫା ଭି ଏହି କଥାରଚନାଟି ସେ ଗଢ଼ିବେ ବୋଲି ଅନୁଭବ କରି ସେଥିପାଇଁ ତାଙ୍କୁ ପ୍ରେରଣା ମଧ୍ୟ ପ୍ରାପ୍ତ ହୋଇଛି । ସେଥିପା ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିକୁ ଏଠାରେ ପ୍ରକାଶ କରିଛନ୍ତି । । "ଉଜ୍ଜୟିନୀ ଉପକଣ୍ଠବର୍ତ୍ତୀ ଗୁମ୍ଫା ଦର୍ଶନ ଓ ତହିଁ ଭିତରେ କିଛି ନିମଗ୍ନ ରହିବାପରେ ବିନେ ରାଣୀପିଙ୍ଗଳାଙ୍କ ଆଚରଣର ଥରେ ଅବା ମହାକାଳ ଅନ୍ତର୍ଭୁକ୍ତ ଅସଂଖ୍ୟ ଅପ୍ରକାଶ୍ୟ ତଥ୍ୟରୁ ଲେଖକର ଚେତନାରେ ଉଦ୍ଭାସିତ ହୋଇଥିଲା (ସାନ

ପରିଚ୍ଛେଦର ବିଷୟବସ୍ତୁ)। ସେହି ଉଦ୍ଭାବନ ଅନୁସାରେ ସିହ୍ଲମିହାଙ୍କ ବୃତ୍ତାନ୍ତ ବର୍ତ୍ତେବେଳେ ଏ ରଚନାରେ ନିରୂପିତ ହୋଇଯାଇଛି।" ତା ପରେ କଥକ ମନୋଜ ଦାସ ଏହି କଥା ରଚନାଟିକୁ ପ୍ରସ୍ତୁତ କରିବାପାଇଁ ତତ୍ପର ହେବାମାତ୍ରକେ ଅପ୍ରତ୍ୟାଶିତ ଭାବରେ ତାଙ୍କ ପ୍ରେରଣା ବଳୟ ଭିତରକୁ ସେ ପଶିଆସିଛନ୍ତି ଅପରିଚିତ ଅଥଚ ଅତିପରିଚିତ ଅମରନାଥ ଏବଂ ତାଙ୍କ ସଙ୍ଗରେ ତାଙ୍କ କନ୍ୟା ମନିଷା । ଅମରନାଥ ତାଙ୍କୁ (କଥକଙ୍କୁ) କହିଥିଲେ- "ମୁଁ ବର୍ତ୍ତମାନ । ମୋ ବିନା କେଉଁ ଆଖିରେ ତୁମେ ଅତୀତକୁ ଦେଖିବାର ଶକ୍ତି ଆୟତ୍ତ କରିପାରିବ" ?(ପୃଷ୍ଠା-iv)

କଥକଙ୍କର ଏହି ଯେଉଁ ବକ୍ତବ୍ୟ, ତା ପଶ୍ଚାତରେ ଯେଉଁ କିମ୍ବଦନ୍ତୀ, ଇତିହାସ ଏବଂ ଉତ୍ତର ସଂରଚନାଅଧ୍ୟୁଷିତ ସମକାଳୀନତା ରହିଛି ଏବଂ ଏମାନଙ୍କ ମଧ୍ୟରେ ଯେଉଁଭଳି ଭାବରେ ଦେଣନେଣ ଏବଂ ସମକାଳୀନ ସହାବସ୍ଥାନ ସଂଘଟିତ ହୋଇଛି ତା ଦ୍ୱାରା ଇତିହାସ ଏବଂ କିମ୍ବଦନ୍ତୀ ତାଙ୍କ ନିଜ ନିଜ ଖୋଳପାକୁ ଦୂରକୁ ଫିଙ୍ଗିଦେଇ ବର୍ତ୍ତମାନ ସ୍ଥାନ, କାଳ, ପାତ୍ର ପରିଚୟକୁ (dimension) କେଉଁଟି ଆସିଛନ୍ତି। ଫଳରେ ସବୁକାଳ ଏକକାଳ; ସବୁପାତ୍ର ଏକପାତ୍ର ; ସବୁସ୍ଥାନ ଏକ ସ୍ଥାନରେ ପରିଣତ ହୋଇଯାଇଛନ୍ତି। ଅର୍ଥାତ୍ ମୂଳ କିମ୍ବଦନ୍ତୀ ଏବଂ ଇତିହାସରେ ଯେଉଁ ଏକରେଖୀୟତାଯୁକ୍ତ ସତ୍ୟ କିମ୍ବା ଅର୍ଥବିନ୍ୟାସ ଥିଲା ତାହା ବିଶ୍ଳିଷ୍ଟ ଏବଂ ବିଘଟିତ ହୋଇ ବର୍ତ୍ତମାନକୁ ଚାଲିଆସିଛି। ସେଥିପାଇଁ ଅଧିକଥାକେନ୍ଦ୍ରିକ ବିଶେଷତ୍ୱରେ ଯେଉଁ ଇତିହାସଗତ ସଂପୃକ୍ତି ତଥା ଐତିହାସିକ ପ୍ରସଂଗର ପୁନର୍ମୂଲ୍ୟାୟନ ବା ପୁନର୍ବିନ୍ୟାସ ବା ପୁନଃପ୍ରସ୍ଥାପନ ବା ପୁନରାବିଷ୍କାର-ତାହା ଏଠାରେ ସର୍ବପ୍ରଧାନ ନିୟାମକ ଭାବରେ ଦଣ୍ଡାୟମାନ ହୋଇଛି।

ଅଧିକଥାରେ ସର୍ବଦା ଏହିଭଳି ଘଟିଚ ହୁଏ। ଏଠି ଅତୀତର ସ୍ଥାନ, କାଳ, ପାତ୍ର ବର୍ତ୍ତମାନର ସ୍ଥାନ, କାଳ, ପାତ୍ରକୁ ଲମ୍ଫିତ ହୋଇ ଅତୀତର ଚେତନାକୁ ବାର୍ତ୍ତମାନିକ ଆବଶ୍ୟକତାରେ ସହିତ ରୂପାନ୍ତରିତ କରି ବାର୍ତ୍ତମାନିକ ପ୍ରାସଂଗିକତା ସହିତ ବାର୍ତ୍ତମାନିକ ଜୀବନ ଓ ଜଗତର ଉତ୍ସ କ'ଣ ରହିଛି ତାହାକୁ ପ୍ରତିଷ୍ଠା କରିବାପାଇଁ ଚେଷ୍ଟା କରାଯାଏ। ସେଥିପାଇଁ ଅମରନାଥଙ୍କ କଣ୍ଠରେ କଥକ ମନୋଜଦାସ ନିଜେ କହୁଛନ୍ତି- "ମୁଁ ବର୍ତ୍ତମାନ । ମୋ ବିନା କେଉଁ ଆଖିରେ ଅତୀତକୁ ଦେଖିବାର ଶକ୍ତି ତମେ ଆୟତ୍ତ କରିପାରିବ" ? ଏ ପ୍ରଶ୍ନ ଅତି ମାମୁଲି ପ୍ରଶ୍ନ ନୁହେଁ। ଇଏ ଏକ ଉତ୍ତରସଂରଚନା ଅଧ୍ୟୁଷିତ ବିଶ୍ୱଗ୍ରାମ ବାସିନ୍ଦାର ପ୍ରଶ୍ନ। ଯେଉଁ ପ୍ରଶ୍ନ ଅତୀତର ସର୍ବଶେଷ ଜ୍ଞାତବ୍ୟତା (knowability) ଏବଂ ଇତିହାସର ଆଇଡିଓଲୋଜିକାଲ୍ ଇମ୍ପ୍ଲିକେସନ୍‌କୁ ଛିନ୍ନମୂଳ କରାଇଦେବାପାଇଁ ପ୍ରୟାସ କରେ । ଏଭଳି ପ୍ରଶ୍ନଶୀଳତା ହିଷ୍ଟିଓଗ୍ରାଫିକ୍ ଅଧିକଥାର ଅନ୍ୟତମ ବିଶେଷତ୍ୱ ଭାବରେ ପରିଗଣିତ ହୋଇଥାଏ। ଆମ ଓଡ଼ିଶାରେ ପର୍ଶୁରାମ ବିହାରୀ ଭଣିତାରେ "କପିଳା ବୋଲିଣ ଗାଈ ସେ" ବୋଲି ଗୋଟିଏ ଗୀତ ଅଛି। ସେ ଗାଈଟି ସର୍ବଦା ଯୁବା। ଷଡ଼ମୁଖ ବିଶିଷ୍ଟ। ତିନୋଟି ଆଖି। ଦଶଟି ଖୁରା। ଚାରିଟି ପାଦ ତା'ର ଅଛି । ସେ ଲାଞ୍ଜବାଟେ ଘାସଚରେ। ଏହି ଯେଉଁ ଗୀତ-ଏହି ଗୀତର ଯେମିତି କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନାହିଁ ଅର୍ଥାତ୍ ଏ ଗୀତରେ ଯେଉଁ ସୂଚନାମୂଳକ ଶବ୍ଦଗୁଡ଼ିକ ରହିଛି, ସେଗୁଡ଼ିକର ଅର୍ଥ ବିଭିନ୍ନ ଦିଗରୁ ନିରୂପଣ କରିବାକୁ ଚେଷ୍ଟା କରାଗଲେ ମଧ୍ୟ ତାହା ସର୍ବଶେଷ ଅର୍ଥସିଦ୍ଧାବରେ ପହଞ୍ଚିପାରେ ନାହିଁ -ଠିକ୍ ସେହିପରି ଅଧିକଥାର ପରିସର। ଅଧିକଥା ସର୍ବଦା self-reflexive ବା ଆତ୍ମବାଚକତା ବା ସ୍ୱୟଂ ବାଚକତାକୁ ନେଇ ଗତିଶୀଳ ହୋଇଥାଏ । ସେଥିପାଇଁ ଏଠାରେ ସାହିତ୍ୟ କୃତିଟି ସ୍ୱତଃକ୍ରିୟ ଏବଂ ସ୍ୱୟଂଶାସିତ ପ୍ରକ୍ରିୟାରେ ଆଗକୁ ଆଗକୁ ବଢ଼େ। ଏଠାରେ କୌଣସି ରୈଖିକ ନିୟମ ବା Timeline କାମ କରେ ନାହିଁ। କାର୍ଯ୍ୟକ୍ରିୟା ମଧ୍ୟ କାମକରେ ନାହିଁ । କାର୍ଯ୍ୟକାରଣଗତ ସମ୍ବନ୍ଧ ଏଠାରେ ରହେନାହିଁ। ଏଠାରେ କୌଣସି ପାରମ୍ପରିକ ମାନକତା ମଧ୍ୟ କାର୍ଯ୍ୟକରେ ନାହିଁ। ତେଣୁ ଏହି ଅଧିକଥା ମଧ୍ୟର ଚିହ୍ନିତ ହୋଇଥିବା ସ୍ଥାନ, କାଳ, ପାତ୍ର କେତେବେଳେ କେଉଁ ଶତାବ୍ଦୀ ମଧ୍ୟକୁ ଲମ୍ଫିତ ହୁଅନ୍ତି ; କେତେବେଳେ କେଉଁ ଇତିହାସ ଗର୍ଭକୁ କ୍ଷେପିତ ହୁଅନ୍ତି ; କେତେବେଳେ କେଉଁ ପାତ୍ରରୁ କେଉଁ ପାତ୍ରଭମିକୁ ଚଳିତ ହୁଅନ୍ତି, ତାହା ସେମାନେ ନିଜେ ବି ଜାଣନ୍ତିନାହିଁ। ଏହା ଏକ ପ୍ରକ୍ରିୟା। ସ୍ୱୟଂବାଚକ ପ୍ରକ୍ରିୟା । ଏହି ପ୍ରକ୍ରିୟାର ଅନ୍ୟନାମ ହେଉଛି ଚେତନାଗତ ସ୍ଥାନାନ୍ତରୀକରଣ, ରୂପାନ୍ତରୀକରଣ ଏବଂ ଅବସ୍ଥାନ୍ତରୀକରଣ । ସେଥିପାଇଁ ମନୋଜ ଦାସଙ୍କ ଭାଷାରେ 'ଅମୃତ ଫଳ'ର ବକ୍ତବ୍ୟର ବାସ୍ତବତା – "ତଥ୍ୟଭିତ୍ତିକ ନୁହେଁ । ଅର୍ଥାତ୍ ଏଠାରେ ବାସ୍ତବତା ତଥ୍ୟଭିତ୍ତିକ ନୁହେଁ।" (ପୃଷ୍ଠା-iv)

କଥକ ମନୋଜ ଦାସଙ୍କର 'ଅମୃତ ଫଳ' ଅଧିକଥାରେ ସମୁଦାୟ ୨୧ ଟି ପରିଚ୍ଛେଦ ରହିଛି । ଏହି ପରିଚ୍ଛେଦକରଣକୁ ପାରମ୍ପରିକ ଉପନ୍ୟାସର ଏକ ବ୍ୟାକରଣ ଭାବରେ ମନେକରାଯାଇ ପାରେ। ତେବେ ଏହି ଯେଉଁ ପରିଚ୍ଛେଦକରଣ ଏଥିରେ ଗୋଟିଏ ପରିଚ୍ଛେଦରେ ଅମରନାଥଙ୍କ ସମକାଳର କଥା କୁହାଯାଉଥିବା ବେଳେ ଆଉ ଗୋଟିଏ ପରିଚ୍ଛେଦରେ ଭର୍ତ୍ତୃହରିଙ୍କର ସମକାଳକଥା କୁହାଯାଇଛି । ଭର୍ତ୍ତୃହରିଙ୍କ ସ୍ଥାନ-କାଳ-ପାତ୍ର ହୁଏତ ଆମପାଇଁ ଅତୀତିକତାଯୁକ୍ତ ଏକ ବିନ୍ୟାସ ହୋଇପାରେ; କିନ୍ତୁ ଭର୍ତ୍ତୃହରିଙ୍କ ପାଇଁ, ସିହ୍ଲମିହାଙ୍କ ପାଇଁ, ଚଣ୍ଡମୁନିଙ୍କ ପାଇଁ, ବିକ୍ରମାଦିତ୍ୟଙ୍କ ପାଇଁ ବା ଉଜ୍ଜୟିନୀପାଇଁ ବା କଥକଙ୍କ ଭାଷାରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀପାଇଁ କିନ୍ତୁ ଆଦୌ ଅତୀତିକତାଯୁକ୍ତ ନୁହେଁ। ତାହା ସେ ସମୟ ପାଇଁ ସମକାଳ। ତେବେ ଅତ୍ୟନ୍ତ ସତର୍କତାର ସହିତ କଥକ ମନୋଜ ଦାସ ଯେତେବେଳେ ସେହି ପ୍ରଥମ ଶତାବ୍ଦୀର କଥାବସ୍ତୁକୁ ବର୍ତ୍ତମାନ ଅର୍ଥାତ୍ ଉତ୍ତର ସଂରଚନା ଅଧ୍ୟୁଷିତ କାଳଖଣ୍ଡକୁ ଘେନି ଆସୁଛନ୍ତି, ସେତେବେଳେ ଗୋଟିଏ ଅପୂର୍ବ ସଂଯୋଗର ସେତୁ ନିର୍ମାଣ ହେଉଛି। ଏହି ସଂଯୋଗର ସେତୁ ହେଉଛି ଚେତନାର ସଂଯୋଗ। ଏହା ସ୍ଥୂଳ ପାତ୍ର କିମ୍ବା ସ୍ଥୂଳ ସ୍ଥାନ କିମ୍ବା ସ୍ଥୂଳ କାଳକୁ ନେଇ ଲିପିବଦ୍ଧ ହୋଇଥିବା ସମୟର ସ୍ଥୂଳ ପରିଚୟ ନୁହେଁ । ଏହା

ଏକ ଚେତନା। ଏକ ଅସ୍ମିତା। ଏକ ଚେତନା ଗତ ପ୍ରବାହ। ଏକ ଚେତନାଗତ ସଂପ୍ରସାରଣଶୀଳତା। ଏକ ଚେତନାଗତ ଉତ୍ତରଣ। ସର୍ବୋପରି ଏକ ଚିର ଚଳମାନ ପ୍ରକ୍ରିୟା।

ତେବେ କଥାକାର ମନୋଜ ଦାସ କୋଡ଼ିଏ ପରିଚ୍ଛେଦ ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱରେ ଅତୀତକୁ ଏବଂ ଆଉ ଗୋଟିଏ ପାର୍ଶ୍ୱରେ ବର୍ତ୍ତମାନକୁ ସ୍ଥାପନ କରି ଅତୀତକୁ ବାର୍ତ୍ତମାନିକ ପ୍ରାସଙ୍ଗିକତା ଭିତ୍ତିରେ ବାର୍ତ୍ତମାନିକ ପ୍ରେକ୍ଷାପଟରେ, ବାର୍ତ୍ତମାନିକ ଆବଶ୍ୟକତା ଅନୁସାରେ ତର୍ଜମା କରି ଏ ଅଧିକଥାର କଳେବରକୁ ନିର୍ମାଣ କରିକରି ଆସୁଥିବା ବେଳେ ୨୧ ପରିଚ୍ଛେଦରେ ଅତୀତ ଏବଂ ବର୍ତ୍ତମାନକୁ ଅତି ସୁନ୍ଦର ଭାବରେ ସମନ୍ୱିତ କରିଦେଇଛନ୍ତି । ଫଳରେ ଆତୀତିକ ଏବଂ ବାର୍ତ୍ତମାନିକତା ମଧ୍ୟରେ ଏକ ଅପୂର୍ବ ସମକାଳୀନ ସହାବସ୍ଥାନ, ସମତାଳିକ ସହାବସ୍ଥାନ, ସମଛନ୍ଦିକ ସହାବସ୍ଥାନ ସୃଷ୍ଟି ହୋଇଛି । ସେଥିପାଇଁ କଥାକାର ମନୋଜ ଦାସ ଗୁରୁ ଗୋରଖନାଥଙ୍କ କଣ୍ଠରେ କୁହା କରାଇଛନ୍ତି "ଭାଗ୍ୟ ବଦଳାଇ ଦେଇପାରେ କେବଳ ନିଜ ଚେତନାର କ୍ରମାଗତ ବିକାଶ ।" (ପୃଷ୍ଠା – ୨୦୦)

ଆଲୋଚ୍ୟ ପରିଚ୍ଛେଦରେ 'ଅମୃତଫଳ' ର ଅଲୌକିକ ଶକ୍ତିକୁ ମଣିଷର ପ୍ରାପ୍ୟ ଭାବରେ ବିବେଚନା କରାଯାଇନାହିଁ। ଏଠି କୁହାଯାଇଛି ଅମୃତଫଳ ମଧ୍ୟରେ ଯେଉଁ ବିଭୂତି ରହିଛି - ଯେଉଁ ବିଭୂତିଦ୍ୱାରା ମଣିଷ ଦୀର୍ଘ ଜୀବନ, ଯୌବନ ଏବଂ ମୃତ ସଞ୍ଜୀବନୀ ଗୁଣର ଅଧିକାରୀ ହେବ- ସେ ଅଧିକାର ମଣିଷଜାତି ସ୍ୱାଭାବିକ ଭାବରେ ହାସଲ କରୁ । ସେଥିପାଇଁ ଗୁରୁଙ୍କ ମୁଖରେ କଥାକାର ପୁଣି କୁହାଇଛନ୍ତି-"ଏ ଫଳ ଯେଉଁ ବିଭୂତିର ବାହକ, ଦିନେ ସ୍ୱାଭାବିକ ଭାବରେ ସେ ବିଭୂତି ମଣିଷର ପ୍ରାପ୍ୟ ହେବ। ତାର ଚେତନାଗତ ଆରୋହଣର ଏକ ଉତ୍ତୁଙ୍ଗ ପର୍ଯ୍ୟାୟରେ।"

ଶେଷରେ ଅମୃତ ଫଳକୁ ଯଜ୍ଞ କୁଣ୍ଡରେ ଅର୍ପଣ କରାଯାଇଛି। ଅମୃତଫଳ ନୀଳାଭ ସୁବର୍ଣ୍ଣମୟ ଅଗ୍ନିଶିଖା ମାଧ୍ୟମରେ ପୋଡ଼ି ଭସ୍ମରେ ପରିଣତ ହୋଇଯାଇଛି। ଭର୍ତ୍ତୃହରିଙ୍କର ବୈରାଗ୍ୟଜନିତ ଯେଉଁ ଦୁଷ୍କର ତପସ୍ୟା, ସେ ତପସ୍ୟା ଶେଷରେ ଚେତନାର ରୂପାନ୍ତର ପାଇଁ ମାର୍ଗ ନିର୍ଦ୍ଦେଶ କରିଛି । ଭର୍ତ୍ତୃହରି ଫେରିଆସିଛନ୍ତି । ବୈରାଗ୍ୟକୁ ସେ ପ୍ରତ୍ୟାହାର କରିନେଇଛନ୍ତି । ସମଗ୍ର ଜୀବନ ହେଉଛି ଯୋଗ, ସମଗ୍ର ଜୀବନ ହେଉଛି ଜୀବନ-ଏହା ପ୍ରମାଣିତ ହୋଇଛି । ଏହି ଆଶାରେ ବିଶ୍ୱାସ ରଖୁଛନ୍ତି ଭର୍ତ୍ତୃହରି । ସେଥିପାଇଁ ତାଙ୍କ ମଧ୍ୟରେ ଚେତନାଗତ ଉତ୍ତରଣ ଘଟିଛି। ସେ ଯେଉଁ ନିମ୍ନତର ଚେତନାର ବଶବର୍ତ୍ତୀ ହୋଇ ଅଭିମାନରେ, ଆକ୍ରୋଶରେ, ବିଦ୍ୱେଷରେ ରାଜ୍ୟ ତ୍ୟାଗକରି ପଳାୟନ କରିଥିଲେ- ଜନପଦ ତ୍ୟାଗକରି ପଳାୟନ କରିଥିଲେ ଧୂଳିମାଟିର ଦୁନିଆକୁ ତ୍ୟାଗକରି ପଳାୟନ କରିଥିଲେ- ସେ ପୁନଶ୍ଚ ସେହି ଦୁନିଆକୁ, ସେଇ ଧୂଳିମାଟିକୁ, ସେହି ଜନପଦକୁ ଲେଉଟି ଆସିଛନ୍ତି । ଏଭଳି ଏକ ଉପଲବ୍ଧି ସହିତ ଅମରନାଥ ଏକାତ୍ମତା ଲାଭ କରିଛନ୍ତି। [illegible]

ଏକାତ୍ମ ହୋଇଉଠୁଛନ୍ତି । ସେଥିପାଇଁ ଅମରନାଥ ନିଜର ପାର୍ଦ୍
କନ୍ୟାକୁ ରୋଗଶଯ୍ୟାରୁ ଉଠାଇବା ପାଇଁ ଭର୍ତ୍ତୃହରିଙ୍କ ଅମୃତ ଫଳ
ସେହି ଧ୍ୟାନଗ୍ରୁମ୍ଫାମଧ୍ୟରେ ଅନ୍ୱେଷଣ କରୁଥିବା ସମୟରେ ଭର୍ତ୍ତୃହରିଙ୍
ସେଇ ଚେତନାଗତ ଉତ୍ତରଣର ଦୃଷ୍ଟାନ୍ତ - ତାଙ୍କୁ ସେ ଦିଗରୁ ଫ
କରାଇଛି। ସେ ନିଜ ମଧ୍ୟରେ ପୋଷଣ କରି ଆସୁଥିବା ଅ
ଆଗ୍ରହ, କୌତୂହଳ, ଆକାଂକ୍ଷା ସମୂହକୁ ବିଲୀନ କରିଦେଇଛନ୍ତି
ହୃଦୟ ଭିତରେ ପ୍ରଜ୍ୱଳିତ ଏକ ନୀଳାଭ ସୁବର୍ଣ୍ଣମୟ ଅଗ୍ନିଶିଖା ମଧ୍

ଅର୍ଥାତ୍ ଏହି ପରିଚ୍ଛେଦରେ ଉଭୟ ଭର୍ତ୍ତୃହରିଙ୍କର ଚେତନା
ଅମୃତଫଳର ଅନାୟାସସାଧ ଅଲୌକିକ ପ୍ରାପ୍ତିଜନିତ ଚେତନା ସ
ସମକାଳର ଅମରନାଥଙ୍କ ଚେତନା ଏକାତ୍ମ ହୋଇଯାଇଛି। 'ଫଳ
ଅତୀତ ଆଉ ସ୍ଥିର ଅତୀତ ; ଅପରିବର୍ତ୍ତନୀୟ ଅତୀତ ହେଉରହି
ଏବଂ ତାହା ପରିବର୍ତ୍ତନୀୟ, ଚଳମାନ ହେଉ ସକଳ ଆତ
ବ୍ୟବସ୍ଥାର ସ୍ଥିର ଅଧିପତ୍ୟକୁ ଖଣ୍ଡ ବିଖଣ୍ଡିତ କରି ସମୁଦ୍ଭୂତ
ଏକ ଅଖଣ୍ଡ ମହାଚେତନା ରୂପରେ ଅମରନାଥଙ୍କ ଚେତନା ମ
ଲମ୍ଫିତ ହୋଇଛି। କେବଳ ଯେ, ଲମ୍ଫିତ ହୋଇଛି ତା ନୁ
ଅମରନାଥଙ୍କ ମଧ୍ୟରେ ତାହା ରୋପିତ ମଧ୍ୟ ହୋଇଛି । ଏହି ରୋ
କିନ୍ତୁ ସ୍ୱାଭାବିକ। ଏହା ଆଦୌ ଅଲୌକିକ ନୁହେଁ । ଏହାହିଁ ଦି
ମଣିଷକୁ ଦିବ୍ୟତା ଅଭିମୁଖୀ କରାଇବ । ଏଭଳି ଅଣପାରଂପ
ବକ୍ତବ୍ୟ ମଧ୍ୟ ଅଧିକଥାର ବିଶେଷତ୍ୱ ଭାବରେ ପରିଗଣିତ ହୋଇ

ମନୋଜ ଦାସଙ୍କର ଏହି ଅଧିକଥାଟିରେ ପାରମ୍ପରିକ ପ୍ଲଟ୍ (pl
ବା କଥାବିନ୍ୟାସର ଧାରାକୁ ବର୍ଜନ କରାଯାଇଛି । ଏ ବର୍ଜନ
ଅଜାଣତରେ ନୁହେଁ। ଏହା ସ୍ୱାଭାବିକ । କାରଣ ଏଠାରେ ସାହିତ୍
ବା ଅଧିକଥାଟି ଯେହେତୁ ସ୍ୱୟଂବାଚକତାଯୁକ୍ତ ସେଥିପାଇଁ ଲେଖା
ଆଡ଼କୁ ମାଡ଼ିଯାଉଛି, ଯେଉଁ ଆଡ଼କୁ ଗଣି ଯାଉଛି; ଯେଉଁ ଆ
ପାଣିପରି ବହିଯାଉଛି ସେହିଭଳି ସୁଡ଼ଙ୍ଗ ବା ରାସ୍ତା ବା ଧାର ତିଆ
ଆପେ ଆପେ।

କଥାକାର ମନୋଜ ଦାସ ଆଲୋଚ୍ୟ ଅଧିକଥାର ପ୍ରଥମ ପରିଚ୍ଛେ
କର୍ଣ୍ଣଟସାର୍ବଭୌମ ଲୋକାରଣ୍ୟ ଭିତରୁ ଅମରନାଥଙ୍କୁ
ଭର୍ତ୍ତୃହରିଗୁମ୍ଫାରେ ଉପଗତ କରାଇଛନ୍ତି । ଏ ହେଉଛି ସିଧା
ଉଦ୍ଦେଶ୍ୟମୂଳକ ବକ୍ତବ୍ୟ। ପ୍ରଥମ ପରିଚ୍ଛେଦର । କିନ୍ତୁ ଏଠ
ଅଧିକଥାକାର ସିଧାସଳଖ ବକ୍ତବ୍ୟଟିକୁ ଉପସ୍ଥାପନ ନକରି ତ
Interconnectedness ବା ଅନ୍ତଃସଂପର୍କୀୟତା
Interreferenciality ବା ଅନ୍ତର୍ନିର୍ଦ୍ଦେଶତ୍ୱତା ଧାରାରେ ଉପସ୍
କରିଛନ୍ତି । ଏହା ଫଳରେ ପ୍ରଥମ ପରିଚ୍ଛେଦଟି ବହୁମୁଖୀ ଦ
ବିନ୍ୟାସଦ୍ୱାରା ଚରମ ଜଟିଳତାଯୁକ୍ତ ହୋଇଉଠିଛି ଏବଂ ବିଭିନ୍ନ ସ୍ଥ
ବର୍ଣ୍ଣନାଗତ ବିରୋଧାଭାସ ମଧ୍ୟ ସୃଷ୍ଟି ହୋଇଛି ।

ତେବେ ଏଠାରେ ଯେଉଁ ଚରମ ଜଟିଳତାର କଥା
ବିରୋଧାଭାସର କଥା ବା ଆନ୍ତଃସଂପର୍କୀୟତାର କଥା

ଅନ୍ତର୍ନିର୍ଦ୍ଦେଶାତ୍ମକତାର କଥା କୁହାଗଲା – ତାହାହିଁ ହେଉଛି ଅଧିକଥା ବା Metafictionର ଗୋଟିଏ ଗୋଟିଏ ବିଶେଷ ବିଭବ। ସେଥିପାଇଁ କଥକ ଅମରନାଥଙ୍କୁ ଏକ ବିପଜ୍ଜନକ ବିସ୍ମରଣ ଗର୍ତ୍ତକୁ ନିକ୍ଷେପ କରାଇଛନ୍ତି - ଯେଉଁ ନିକ୍ଷେପଣ ଦ୍ୱାରା ଅମରନାଥ ଏକ ବିସ୍ମୟକର ଅନ୍ୟମନସ୍କତା ଦ୍ୱାରା ଆଚ୍ଛନ୍ନ ହୋଇ ଉଠିଛନ୍ତି । ତଦ୍ୱାରା ନାହିଁ ନଥିବା ବିଭ୍ରମକିମାକାର ବା ହାଲୁସିନେସନ୍‌ଯୁକ୍ତ ଚେତନାର ବଳୟ ମଧ୍ୟକୁ ଅମରନାଥ ପ୍ରବେଶ କରିଛନ୍ତି। ତାଙ୍କ ଚେତନା ମଧ୍ୟରେ ଗୋଟିଏ ପରେ ଗୋଟିଏ ଦୃଶ୍ୟ, ସ୍ମୃତି ତଥା ତାତ୍କାଳିକ ଅନୁଭୂତି ଖେଳି ଯାଉଛି। ତେବେ ଏହି ପରିଚ୍ଛେଦରେ ସଂଗ୍ରଥିତ ଅମରନାଥଙ୍କ ଚକ୍ଷୁ ସମ୍ମୁଖରେ ଉଜ୍ଜ୍ୱଳ ବିପଣୀ ଶ୍ରେଣୀ ଓ ପଥଚାରୀ ଯାତାୟତ କରିବାର ଦୃଶ୍ୟ; ଗୋଟିଏ ବିପଣୀର କାଚ ଭିତରେ ଟଙ୍ଗାଯାଇଥିବା ଜ୍ୟାକେଟ୍ ପ୍ରତି ଜଣେ ପ୍ରୌଢ଼ଙ୍କର ଲୋଭାତୁର ଅଶାୟୀ ଦୃଷ୍ଟି, ତା ସହିତ ପ୍ରୌଢ଼ ଜଣକ ସେହି ଜ୍ୟାକେଟ୍ ଖଣ୍ଡିକୁ ଛିଡ଼ିଆଣି ଗୋଟିଏ ବୃହଦାକାର ମାଙ୍କଡ଼ ଢଙ୍ଗରେ ପଳାୟନ କରିବାର ଆପାତଃ ଦୃଶ୍ୟ; ଅମରନାଥଙ୍କ ଦ୍ୱାରା ପ୍ରୌଢ଼ ଜଣକ କାହିଁକି ଜ୍ୟାକେଟ୍ ଖଣ୍ଡକ ପ୍ରତି ଅତ୍ୟଧିକ ଆସକ୍ତ ତାର କାରଣ ନିରୂପଣ କରିବା ତଥା ଜ୍ୟାକେଟ୍ ଜାବୁଡ଼ି ହୋଇ ଦୌଡ଼ିବା ଆଦି ଘଟଣାଗୁଡ଼ିକୁ ଅମରନାଥଙ୍କ ମଧ୍ୟରେ ପ୍ରଚଣ୍ଡ ଶ୍ରୁତି ଓ ଦୃଷ୍ଟିଭ୍ରମର ରହସ୍ୟ ସଂଚାର କରିଛି। ତା'ପରେ ତାଙ୍କୁ ଦେଖାଯାଉଛି କଳାଚକ୍‌ମକ୍ ଜ୍ୟାକେଟ୍ ପିନ୍ଧିଛି ଗୋଟିଏ ବାନରା ଛାଇ। ତା'ପରେ ଛାଇର ଜ୍ୟାକେଟ୍ ପ୍ରତି ଈର୍ଷା ଜାତ ହେଉଛି ଅମରନାଥଙ୍କର। ତାଙ୍କ ପାଖରେ ହଜାରେ କିସମର ଜ୍ୟାକେଟ୍ ମହଜୁଦ୍ ରହିଥିଲେ ମଧ୍ୟ ଏହି ଜ୍ୟାକେଟ୍‌କୁ ନେଇ କାହିଁକି ସେ କ୍ରମଶଃ ଯୁକ୍ତିପ୍ରବଣ ହୋଇଉଠିଛନ୍ତି ତାହାର ଏକ ନିଶ୍ଚୟାତ୍ମକ ସ୍ଥିତିରେ ସେ ପହଞ୍ଚିପାରିନାହାନ୍ତି। ତେଣୁ ସେ ଉପଲବ୍ଧି କରିଚନ୍ତି "ଲୋଭ ସହ ପ୍ରାଚୁର୍ଯ୍ୟର ସଂପର୍କ ଆପେକ୍ଷିକ; ମାତ୍ର ଲୋଭ ଏକ ହେତୁ ନିରପେକ୍ଷ ଭାବ"। (ପୃ. ୩)

ଅର୍ଥାତ୍ ଅମରନାଥ ୧୨ ଗୋଟି ବ୍ୟବସାୟ ସଂସ୍ଥାର ମାଲିକ ହୋଇବି ଲୋଭକୁ ନିଜ ସତ୍ତା ମଧ୍ୟରୁ ଅପସରଣ କରିଦେଇ ପାରିନାହାନ୍ତି। ତା'ପରେ ତାଙ୍କର ସ୍ମୃତି ଚାରଣ ହୋଇଛି । ଶୈଶବରେ କେମିତି ମିଠେଇ ପ୍ରତି ତାଙ୍କର ଲୋଭ ଥିଲା; ପାଠ ପଢ଼ିଲା ବେଳେ ପରୀକ୍ଷାରେ ପ୍ରଥମ ହୋଇ ପୁରସ୍କାର ଓ ପ୍ରଶଂସା ପାଇଁ ସେ କେମିତି ଲୋଭ କରିଥିଲେ; ପରବର୍ତ୍ତୀ କାଳରେ ସୌନ୍ଦର୍ଯ୍ୟର ତାରତମ୍ୟ ନିର୍ବିଶେଷରେ ସେ ବହୁକନ୍ୟାଙ୍କୁ ନିଜର କରିବାକୁ ଲୋଭେଇଥିଲେ ଏବଂ ଶେଷରେ ସେ ଯାହାକୁ ବାହା ହେଲେ ସେହି କନ୍ୟାଟିର ପିତାମାତାଙ୍କ ସମ୍ପତ୍ତି ପ୍ରତି ମଧ୍ୟ ତାଙ୍କର ଲୋଭ ଜାଗ୍ରତ ହୋଇଥିଲା ଇତ୍ୟାଦି ଇତ୍ୟାଦି । ତେଣୁ ଲୋଭ ଏଠି ଗୋଟିଏ ନିମ୍ନତର ଚେତନା ରୂପେ ଅବତୀର୍ଣ୍ଣ ହୋଇଛି । ଏହି ଲୋଭର ଉତାଳ ସମୁଦ୍ରରେ ଅମରନାଥ ନିଜେ ଭାସମାନ ହୋଇଛନ୍ତି। ତା ପରେ କଥକ ସେହି ଲୋଭ ଜର୍ଜର ସମଗ୍ର ବାତାବରଣ ସଂପର୍କରେ ଆଲୋକପାତ କରିଛନ୍ତି । ଏହି ବାତାବରଣ ମଧ୍ୟରେ ଦେବାଳୟରୁ ଶୁଭୁଥିବା ଅଶ୍ଳୀଳ ଗୀତ ଆଦି ତାଙ୍କ ଚେତନାକୁ ଅଭିଭୂତ କରିବାରେ ଲାଗିଛି।

ତା ପରେ ହଠାତ୍ ଅମରନାଥଙ୍କୁ ଏମିତି ଜଣାପଡ଼ିଛି ଯେ ଲୋଭରୁ ଅସଂଖ୍ୟ ପୋକଜୋକ ବନି ଖାଲୁବାକୁ ହେଉଛନ୍ତି ନରନାରୀମାନେ ଦୃଶ୍ୟ ହୋଇଛନ୍ତି । ସେହି ନରନାରୀମାନଙ୍କ ଆଖିରୁ, ନାକରୁ, ମୁହଁରୁ ଅନର୍ଗଳ ବିଶାକ୍ତ ଲୋଭ ଝରି ଆସୁଥିବାର ତାଙ୍କୁ ଦେଖାଯାଉଛି ଏବଂ କଥକଙ୍କ ଭଣ୍ଟିରେ- "ସେ ଅଦୃଶ୍ୟ ବାମ୍ପ କ୍ରମେ ଉଷ୍ମରୁ ଉଷ୍ମତର ମନେହେଲା, ଅମରନାଥ ଯେମିତି ସିଝିଯିବେ ଉତ୍ତପ୍ତକୁଣ୍ଡର ଅବର୍ଜନ ଭଳି ତାଙ୍କ ମାନସିକ ଗତି ଅବଶ୍ୟ କେବେ କେବେ ହାସ୍ୟ କେବେ କେବେ ବିଷାଦ, କେବେ କେବେ ଶାନ୍ତି ବା ଅସ୍ଥିରତା ଅଧ୍ୟୁଷିତ ହୋଇଥାଏ। କିନ୍ତୁ ଆଜିଭଳି ସେ ଏତେ ଉଦ୍ଭୁଟ ହୋଇନଥିଲେ କେବେ।" (ପୃ-୪)

ଏହିଭଳି ଘଟଣାବିନ୍ୟାସ ସହିତ କଥକ ଅମରନାଥଙ୍କୁ ପୁଣି ଆଉ ଗୋଟିଏ ସନ୍ଦର୍ଭଭୂମି ମଧ୍ୟକୁ ପ୍ରବେଶ କରାଇଛନ୍ତି । ସେହି ଅନ୍ତଃସନ୍ଦର୍ଭ ଭୂମିରେ ସେ ଦେଖୁଛନ୍ତି ଆଜି କୋଡ଼ିଏ ଲକ୍ଷ ଲାଭକୁ ଧରି ସେ ସନ୍ତୁଷ୍ଟ ହୋଇ ପାରୁନଥିଲେ ମଧ୍ୟ ଦିନେ କୋଡ଼ିଏଟି ଟଙ୍କା ଧାର ସୂତ୍ରରେ ପାଇବା ନିମନ୍ତେ ଗୋଟିଏ ସପ୍ତାହ ଭିତରେ ତାଙ୍କୁ ପନ୍ଦର ଜଣଙ୍କ ପାଖକୁ ଦୌଡ଼ିବାକୁ ହୋଇଥିଲା । ଏମିତି ବହୁକଥା ତାଙ୍କର ମନେପଡ଼ୁଛି। ତାଙ୍କର ମନେପଡ଼ୁଛି ଜଣେ ପିତୃବନ୍ଧୁଙ୍କ ନିକଟରେ ସେ ଯେତେବେଳେ ଅର୍ଥପାଇଁ ଦ୍ୱାରସ୍ଥ ହୋଇଥିଲେ ସେ ମନାକରିଦେଇଥିଲେ। କିନ୍ତୁ ଯେତେବେଳେ ପିତୃବନ୍ଧୁ ଜଣକ ନିଜ ପକେଟ୍‌ରୁ କଲମଟି ବାହାର କରିଥିଲେ ସେତେବେଳକୁ କ୍ଲିପ୍ ସହିତ ଜଡ଼େଇ ହୋଇ ଖଣ୍ଡେ ଶହେଟଙ୍କିଆ ନୋଟ୍ ବାହାରି ଆସିଥିଲା। ଏହି ସ୍ମୃତିରେ ଅମରନାଥଙ୍କର ପୁନଶ୍ଚ ଅତୀତ ରୋମନ୍ଥନ ହୋଇଛି। ତାଙ୍କୁ ମନେହେଉଛି ଯେ ସେ ନୋଟ୍ ଖଣ୍ଡିକ ଝାମ୍ପିନେଇ ସେ ବାତ୍ୟାଳିଗତିରେ ଦୌଡ଼ୁଛନ୍ତି । ତା ପରେ ତାଙ୍କ ମୁଣ୍ଡ ବୁଲାଇଦେଉଛି । ନିମିଷକ ପାଇଁ ସେ ଚେତନା ହରାଇ ପୁଣି ପରମୁହୂର୍ତ୍ତରେ ଯେତେବେଳେ ଆଖି ଖୋଲିଛନ୍ତି ନୋଟ୍ ଖଣ୍ଡିକ ପକେଟ୍‌ରେ ପୂରାଇ ପୂରାଇ ସେ ଗୋଟିକର ସେଭଳି ଅପ୍ରତ୍ୟାଶିତ ଆବିର୍ଭାବର କୌଣସି କୈଫିୟତ୍ ଅଯାଚିତ ଭାବରେ ପିତୃବନ୍ଧୁ ଦେଉଛନ୍ତି ବୋଲି ତାଙ୍କର ମନେହୋଇଛି। ଏଠାରେ କଥକ ମନୋଜ ଦାସ ଆଉ ଗୋଟିଏ ହାଲୁସିନେସନକୁ ସଂଯୁକ୍ତ କରିଛନ୍ତି ଏବଂ ତାଙ୍କ ବକ୍ତବ୍ୟ ଅନୁଯାୟୀ "ମୁହୂର୍ତ୍ତକ ସକାଶେ ସେଦିନର ମତିଭ୍ରମର ପୁନରାବୃତ୍ତି ହୋଇଥିଲା ଆଜି। ମନେ ହେଉଥିଲା ସେ କୋଡ଼ିଏଲକ୍ଷ ଟଙ୍କା ଗୋଟିଏ ଟୋକେଇରେ ଥୋଇ ନିଜ ବତୁଆଳ କୋଠାଛାତରେ ଉଡ଼ାଇଦେଲେ। ନୋଟଗୁଡ଼ିକ ବିମ୍ବ ପାଲଟିଗଲା। କୌଣସି ଅଠାଳିଆ ଗଛର ରସ ଫୁଙ୍କି ସେ ଓ ତାଙ୍କ ସାଙ୍ଗମାନେ ଏମିତି ସମସ୍ତ ବିମ୍ବ ଉଡ଼ାଇଦେଉଥିଲେ । ତା'ପରେ ବିମ୍ବକୁ ଗୋଟିଏ ପରେ ଗୋଟିଏ ଫାଟିଗଲେ - ଅର୍ଥଦ୍ୱାରା ଆୟୋଜିତ ମଉଜ ସବୁ ଯେମିତି ଅଚିରେ ମିଳେଇଯାଆନ୍ତି ।" (ପୃ-୪-୬)

ଅଧିକଥାରେ ସାଧାରଣତଃ ଏହିଭଳି ବର୍ଣ୍ଣନା ବିନ୍ୟାସ ହିଁ ଘଟିଥାଏ। ଏଠାରେ ବର୍ଣ୍ଣନା ବିନ୍ୟାସରେ କୌଣସି କ୍ରମ ରହେ ନାହିଁ । ଅର୍ଥାତ୍

ଅନୁକ୍ରମିକତା ଅନୁପସ୍ଥିତ ଥାଏ । ତା ସହିତ କାର୍ଯ୍ୟକାରଣଗତ ସମ୍ବନ୍ଧ ମଧ୍ୟ ଛିନ୍ନ ହୋଇଥାଏ। ବିଭିନ୍ନ ପ୍ରକାରର ସନ୍ଦର୍ଭ ବା Text ପୁନଃରଚନା ସହିତ ସଂଯୁକ୍ତ ହୋଇ ଅଭିବ୍ୟକ୍ତ ହୁଏ। ଫଳରେ ଘଟଣା ପ୍ରବାହରେ ଏକମୁଖୀନତା ବ୍ୟାହତ ହୁଏ।

ଏହି ଯେଉଁ ଏକମୁଖୀନତାର ବ୍ୟାହତ ହେବାକଥା ଏଠାରେ କୁହାଯାଉଛି, ଏହା ମଧ୍ୟ ଅଧିକଥାର ଗୋଟିଏ ବିଶିଷ୍ଟ ଅଙ୍ଗୀଭୂତ ଉପାଦାନ। ଏଭଳି ଅଭିବ୍ୟକ୍ତିକୁ କେହିକେହି ଇନ୍ଦ୍ରଜାଲବଳିତ ବା ଅତିକଳ୍ପନା ବୋଲି କହନ୍ତି; କିନ୍ତୁ ଏସବୁକୁ ବ୍ୟଙ୍ଗାତ୍ମକ ବା ଶ୍ଳେଷାତ୍ମକ ଦୃଷ୍ଟିରୁ ବାସ୍ତବ ବୋଲି ବିବେଚନା କରାଯାଇଥାଏ । ସେଥିପାଇଁ କୁହାଯାଏ "Main purpose of metafiction is to highlight the dicotomy between the read world and the fictional world of a novel" ଅର୍ଥାତ୍ ଗୋଟିଏ କଥାରଚନାର ବାସ୍ତବଜଗତ ଏବଂ କାଳ୍ପନିକ ଜଗତ ମଧ୍ୟରେ ଯେଉଁ ବିଭାଜନ ରହିଛି ସେହି ବିଭାଜନକୁ ଚିହ୍ନିତ ବା ସୂଚିତ କରେ ଅଧିକଥା । ପାରମ୍ପରିକ କଥା ରଚନାରେ ଏଭଳି କାର୍ଯ୍ୟ-କାରଣହୀନ, ଅନୁକ୍ରମବିହୀନ ଘଟଣାବିନ୍ୟାସ ହୁଏତ ଦୃଶ୍ୟହୋଇ ନପାରେ ; କିନ୍ତୁ ଅଧିକଥାରେ ଏ ଧରଣର ଅନାନୁକ୍ରମିକ ବିନ୍ୟାସ ସର୍ବଦା କଥାଗତିକୁ ଗୋଟିଏ ମଣ୍ଡଳରୁ ଆଉଗୋଟିଏ ମଣ୍ଡଳକୁ ପେଲିଯାଏ। ଗୋଟିଏ ଚେତନାରୁ ଆଉ ଗୋଟିଏ ଚେତନାକୁ ଓଟାରିନିଏ।

ଏ ଯାଏଁ ଅମରନାଥଙ୍କର ଯାତ୍ରା ଚଳମାନ ରହିଛି। ସେ ତଥାପି ତାଙ୍କର ଅନିଶ୍ଚିତ ଗନ୍ତବ୍ୟ ସ୍ଥଳରେ ପହଂଚିପାରିନାହାନ୍ତି । ଯିବାବାଟରେ ତାଙ୍କର ପୁଣି ବିଭିନ୍ନ ସ୍ମୃତି ସାମ୍ନାକୁ ଆସିଛି। କେମିତି ଦୁର୍ମୂଲ୍ୟ ଛାପର ବିଦେଶୀକାର ପ୍ରତି ତାଙ୍କର ପୁନର୍ବାର ଲୋଭ ଥିଲା। ମନିଷାକୁ ଗୋଟିଏ ସୁନ୍ଦର କାର ଯୌତୁକ ସ୍ୱରୂପ ଦେବା ପ୍ରସଙ୍ଗ ମଧ୍ୟ ଏଠି ଆସିଛି। ଶ୍ରୀ ସରୋଜିନୀଙ୍କ ବ୍ୟକ୍ତିତ୍ୱ ପ୍ରସଙ୍ଗ ଆସିଛି। ଅମରନାଥଙ୍କ ଚିତ୍ରପ୍ରଯୋଜକ ବନ୍ଧୁ କିଶନ୍ ଲାଲ୍ ଗୋଟିଏ ସ୍କୁଲ ନାଟକରେ ମନିଷାର ଅଭିନୟ ଚାକ୍ଷୁ ପରବର୍ତ୍ତୀ ଚଳଚ୍ଚିତ୍ରରେ ସୁଯୋଗ ଦେବାକୁ କେମିତି ପ୍ରସ୍ତାବ ଦେଇଥିଲେ ସେକଥା ମଧ୍ୟ ଚାରଣ ହୋଇଛି। ମନିଷା କିଶନ୍ କକାଙ୍କର ଏଭଳି ଅନୁରୋଧକୁ କିଭଳି ପ୍ରତ୍ୟାଖ୍ୟାନ କରିଥିଲେ ସେକଥା ମଧ୍ୟ ଅମରନାଥଙ୍କର ମନେପଡିଛି।

ତା'ପରେ ସେ ଚକ୍ରାକାରରେ ଗାଡ଼ି ଚଳାଉଛନ୍ତି ଏବଂ ସେହି ଚକ୍ରାକାର ଗାଡ଼ିଚାଳନା ଦ୍ୱାରା ତାଙ୍କୁ ଅନାସ୍ୱାଦିତ ପୂର୍ବ ସନ୍ତୋଷ ପ୍ରାପ୍ତ ହୋଇଛି । ଏଇଠି କଥକ କହୁଛନ୍ତି, "ଚକ୍ର ଏକ ଚମତ୍କାର ବ୍ୟବସ୍ଥା। ତାର ଆରମ୍ଭ କାହିଁ କି ଶେଷ ନାହିଁ । ପ୍ରଭାତରୁ ରାତି, ରାତିରୁ ପ୍ରଭାତ ବି ଏକ ଚକ୍ର, ଜନ୍ମ ଓ ମୃତ୍ୟୁ ଏକ ଚକ୍ର; ସୁଖରୁ ଦୁଃଖ, ଦୁଃଖରୁ ସୁଖ ବି ଏକ ଚକ୍ର।" (ପୃ-୮)

ଏହି ଯେଉଁ ଚକ୍ରାକାର ଗତିଶୀଳତାର କଥା ଏଠାରେ କୁହାଗଲା –

ବର୍ଣ୍ଣିତ ସ୍ଥାନ, କାଳ, ପାତ୍ରଙ୍କ ମଧ୍ୟରେ କୌଣସି ତାଳମେଳ ନଥା ବିଭିନ୍ନ ଇଙ୍ଗିତ ଶବ୍ଦ ବା Signifireମାନଙ୍କର ଅନବ ସ୍ଥାନାନ୍ତରୀକରଣ ମାଧ୍ୟମରେ ବିଭିନ୍ନ ଘଟଣାକୁ ସେହି ଅଧିକଥ ଉପସ୍ଥାପନ କରିବାପାଇଁ ଉଦ୍ୟମ କରାଯାଇଥାଏ। ଏହି ଉଦ୍ୟମ ଥାଏ କିଛି ରୈଖିକ ବିନ୍ୟାସ; ନା ଥାଏ କୌଣସି କାର୍ଯ୍ୟ-କାର ସମ୍ବନ୍ଧ । ଏହା ସର୍ବଦା ବ୍ୟାକରଣୋତ୍ତର।

ତା ପରେ ଅମରନାଥଙ୍କ ଆଗରେ ଗୋଟିଏ ଜିନ୍ସ ପରିହିତା ଝି ମୋପେଡ୍ ଚଢି ଚାଲିଯାଉଛି। ସେ କିଭଳି ସୁନ୍ଦର ଦିଶୁଛି ସେ ମଧ୍ୟ କଥକ ବର୍ଣ୍ଣନା କରିଛନ୍ତି। ତା ପରେ ଆହୁରି କ୍ଷିପ୍ର ବେ ଅମରନାଥ ଗାଡ଼ି ଚଳାଉଛନ୍ତି। ତାଙ୍କୁ ମଣିଷମାନେ କ୍ରମଶଃ ଦେଖାଯିବାରେ ଲାଗିଛନ୍ତି। ଅମରନାଥଙ୍କୁ ଲାଗିଛି "ଗୋଟିଏ ମନେ ସ୍କର୍ଟ ପରିହିତ ଯୁବକଟି ହଠାତ୍ ଗୋଟିଏ ବୟସ୍କ ଶବରଜାତୀୟ ଭଳି; ସୁନ୍ଦର ଶାଢ଼ି ସମାବୃତା ଜଣେ ଯୁବତୀ ଅଧୁନା ଲୁପ୍ତ ପୁରାଣ ପୁରୁଣା ଭଳି; ସଫେଦ୍ ପାଇଜାମା କୁର୍ତ୍ତା ପରିହିତ ବି ମଦ୍ୟବେପାରୀ- ଯାହାଙ୍କୁ ସେ ଚିହ୍ନନ୍ତି ଓ ଶ୍ରଦ୍ଧା କରନ୍ତି – ଦେଖାଯାଉଛନ୍ତି ଜଣେ ପ୍ରେତାତ୍ମା ଭଳି; କୁକୁର ବେକରେ ବେଲ ତାକୁ ଧରି ଚାଲିଥିବା ଜଣେ ଗୁରୁଗମ୍ଭୀର ବ୍ୟକ୍ତି କୁକୁର ଭଳି କୁକୁରଟି ତାଙ୍କ ପ୍ରଭୁ ଭଳି" । (ପୃ-୯)

ଅମରନାଥଙ୍କୁ ବିଭିନ୍ନ ପ୍ରସଙ୍ଗ ଅତ୍ୟନ୍ତ ଅସଂଗତ, ଅତିକଳ୍ପନ ଅସମ୍ଭବ ବୋଧ ହୋଇଛି । ପ୍ରକୃତରେ ରୈଖିକ ବିନ୍ୟାସରୁ ବା କାଳ, ପାତ୍ରଗତ ତଥାକଥିତ ଧାରାବାହିକ ବିନ୍ୟାସ ବା ତଥା ନିୟନ୍ତ୍ରଣୀୟ କାର୍ଯ୍ୟ-କାରଣଗତ ବିନ୍ୟାସ ବା ତଥାକଥିତ ସୌର ସ୍ଥିର ସତ୍ୟ ଏବଂ ଜ୍ଞାନଗତ ବିନ୍ୟାସ କ୍ଷେତ୍ରରୁ ଯେତେବେଳେ ଉଦ୍ବର୍ତ୍ତିତ ହୁଏ ଅର୍ଥାତ୍ ଯେତେବେଳେ ମନୁଷ୍ୟମଧ୍ୟରେ ବେଦ ଆପେକ୍ଷିକତାର ପରିମଣ୍ଡଳ ନିର୍ମାଣ ହୁଏ, ସେତେବେଳେ ଏହିଭଳି ସବୁକିଛି ବିଚିତ୍ର ବୋଧହୁଏ। ଏଭଳି ବିଚିତ୍ରବୋ ଅଧିକଥାର ଅନ୍ୟତମ ବିଶେଷତ୍ୱ। ଅମରନାଥ କାର ଚଳା କାର ରାଜପଥରେ ଚଳମାନ ତା'ସହିତ ଚଳମାନ ଅମରନ ଚେତନାଗତ ପ୍ରକ୍ରିୟା । ସେହି ପ୍ରକ୍ରିୟା ମଧ୍ୟରେ ଏକ ସପ୍ତାହ କିଭଳି ଭୂଷଣ କର୍ମକାର ଗୋଟିଏ ହୋଟେଲର ଚତୁର୍ଦ୍ଦଶ ମ ଅଗ୍ନିସଂଯୋଗ ହେବାଦ୍ୱାରା ମୃତ୍ୟୁବରଣ କଲେ; ଭୂଷଣଙ୍କ ମୃତ୍ୟୁରେ ଅମରନାଥ କେମିତି ବିମର୍ଷତା ଗର୍ଭରେ ନିକ୍ଷେପିତ ଭୂଷଣ କର୍ମକାର ହୋଟେଲ ଏବଂ ଇଞ୍ଜିନ ନଯାଇ ସେ ହୋଟେ କାହିଁକି ରହିଲେ ଏବଂ ଅଗ୍ନିରେ ଜଳିପୋଡି ଭସ୍ମ ହୋଇଗଲେ ଏକ ପ୍ରକାରର ଉଦ୍ଭ୍ରାନ୍ତ ହତାଶ ଅନୁଭୂତି ଅମରନାଥଙ୍କୁ ମାରଣି ପକାଉଛି। ତା ସହିତ ଭୂଷଣର ଭାଗ୍ୟରେ ଯେଉଁ ଘଟିଲା ତାର ପ୍ରଶ୍ନର ଉତ୍ତର ସେ ଏଯାଏଁ ପାଇନାହାନ୍ତି । ଦେହ

...ରାଗକୁ ଛୁଇଁ ଆସିଲା। ଭୂଷଣ ସହ ଏକାତ୍ମବୋଧ, ତା ପ୍ରତି ଅନୁଭୂତି, ଭୂଷଣର ଅଚାନକ ବିକଳ ମୃତ୍ୟୁଜନିତ ବିହ୍ୱଳତା ଏବଂ ...ରୁ ଉଦ୍ଭୂତ ଅସଂଖ୍ୟ ପ୍ରଶ୍ନ ତାଙ୍କୁ ସ୍ଥବିର ପ୍ରାୟ କରି ଦେଇଥିଲା"। (...୨)

ବାସ୍ତବିକ ଉତ୍ତରସଂରଚନା ଅଧ୍ୟୁଷିତ ବିଶ୍ୱର ମଣିଷମାନେ ଏମିତି ...ତ ଜୀବନ ନିର୍ବାହ କରନ୍ତି। ସେମାନେ କେତେବେଳେ କେଉଁ ...ଙ୍କ ସହିତ ସମକାଳ ହୁଅନ୍ତି ତାହା ତାଙ୍କୁ ମଧ୍ୟ ଜଣାନଥାଏ। ...ମାନେ କାହା ଚେତନା ସହିତ କେତେବେଳେ ଏକାତ୍ମ ହୁଅନ୍ତି, ...କଥା ମଧ୍ୟ ସେମାନଙ୍କୁ ଜଣା ନଥାଏ। ଏଭଳି ଅଜ୍ଞାତ ତଥା ...ବିସ୍ମୃତ ଚେତନାଗତ ସମ୍ପୃକ୍ତି ଏବଂ ଅସମ୍ପୃକ୍ତିକୁ ହୁଏତ ...ଆଚରଣବାଦୀ ମଣିଷଟିଏ ଅଗ୍ରାହ୍ୟ କରିଦେଇପାରେ; କିନ୍ତୁ ଏହା ଉତ୍ତରସଂରଚନାବୈଶ୍ୱିକ ବିଶ୍ୱପାଇଁ ଅକ୍ଷରେ ଅକ୍ଷରେ ସ୍ୱାଭାବିକ । ଏଠି ...ର ଚେତନାରେ ହଜାର ହଜାର ଚିନ୍ତାର ଶୃଙ୍ଖଳକୁ ପ୍ରତିମୁହୂର୍ତ୍ତରେ ...ସ୍ର ତରଙ୍ଗ ସୃଷ୍ଟି କରନ୍ତି । ଏଠି ମଣିଷ କେତେବେଳେ କେଉଁ ଅଜ୍ଞାତ ଚେତନାକୁ ଲମ୍ଫିତ ହୁଏ ସେ ନିଜେ ମଧ୍ୟ ଜାଣେନା । ତା'ର ...ଷ୍ଟ ଦୃଷ୍ଟାନ୍ତ ହେଉଛନ୍ତି ଅମରନାଥ।

...ଉତ୍ତର ସଂରଚନାବାଦୀ ବିଶ୍ୱର ନାଗରିକମାନଙ୍କ ମନାକାଶରେ ଅଜସ୍ର ପ୍ରଶ୍ନଶାଳତା ସୃଷ୍ଟିହୁଏ । ସେହି ପ୍ରଶ୍ନର ଉତ୍ତର ଭାବରେ ଯାହାକୁ ଗ୍ରହଣ କରାଯାଏ, ତାହା ମଧ୍ୟ କିଛିକ୍ଷଣ ମଧ୍ୟରେ ଆଉ ଏକ ପ୍ରଶ୍ନ ହୋଇ ...ଯାଏ। ତେଣୁ ଆଇନଷ୍ଟାଇନ୍ ଯେଉଁ Nothing is absolute ବୋଲି କହୁଥିଲେ, ତାହା ଏହି ବିଶ୍ୱପାଇଁ ସ୍ୱାଭାବିକ ମନେହୁଏ।

ଆଜିକୁ ପଚିଶବର୍ଷ ତଳେ ଅମରନାଥଙ୍କୁ ହଠାତ୍ ଏକ ଅଭିନବ ...ପ୍ରେରଣା ମିଳିଥିଲା । ପୃଥିବୀରେ କାହିଁକି ଏତେ ଦୁଃଖ ? ଦୁଃଖୀମାନଙ୍କର ...ଦୁଃଖର କାରଣ ଏବଂ ସମାଧାନ ନିରୂପଣ କରିବାକୁ ଯାଇ ସେ ଭାବିଥିଲେ ଯଦି ପୃଥିବୀର ଆବାଳ ବୃଦ୍ଧବନିତା ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଆତ୍ମହତ୍ୟା କରିଦେବେ, ତେବେ ଦୁଃଖ ରହିବ ନାହିଁ। ଦୁଃଖରୁ ପରିତ୍ରାଣ ...ପାଇଁ ଯେଉଁ ପ୍ରବନ୍ଧ, ପ୍ରଚେଷ୍ଟା, ନୀତି, ରାଜନୀତିର ଅବତାରଣା ତାହା ...ମଧ୍ୟ ଅବଶ୍ୟକ ହେବନାହିଁ। ଏହି ଯେଉଁ କଳ୍ପନାପ୍ରସୂତ ଚିନ୍ତନ ବା ...ପରିକଳ୍ପନା ଅମରନାଥଙ୍କର-ତାହାକୁ ସେ ତାଙ୍କ ସହପାଠୀ ବଳଦେବଙ୍କୁ ...ଶୁଣାଇଥିଲେ। ବଳଦେବ ଏହାକୁ ପ୍ରଶଂସା ମଧ୍ୟ କରିଥିଲେ ଏବଂ ସେ ...କହିଥିଲେ "ତୁମର ଏ ଯୋଜନା କେବଳ ଯୁଗାନ୍ତକାରୀ ନୁହେଁ କାଳାନ୍ତକାରୀ। କାଳାନ୍ତକାରୀ – କାରଣ ମଣିଷର ହିସାବରେ ହିଁ ...କାଳ।"(ପୃ-୧୩)

"ମଣିଷର ହିସାବରେ ହିଁ କାଳ" ଉଦ୍ଧୃତାଂଶଟି ଅଧିକଥା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଅଧିକଥାରେ ଯେ କୌଣସି କାଳ ଯେ କୌଣସି କାଳଖଣ୍ଡକୁ ସଂପ୍ରସାରିତ ହୋଇପାରେ, କର୍ତ୍ତିତ, କ୍ଷେପିତ ହୋଇପାରେ। ସେଥିପାଇଁ ପ୍ରଥମ ଶତାବ୍ଦୀ, ତୃତୀୟ ଶତାବ୍ଦୀ କିମ୍ବା ପଞ୍ଚମ ଶତାବ୍ଦୀ ମଧ୍ୟରେ କୌଣସି ଅନ୍ତର ନାହିଁ ବୋଲି ଅଧିକଥାରେ କୁହାଯାଏ। ତେଣୁ ଅମରନାଥଙ୍କର ଅବଚେତନାରେ ଯେଉଁ ପୃଥିବୀର ଦୁଃଖ ଦୂରୀକରଣ ପାଇଁ ପରିକଳ୍ପନା ସୃଷ୍ଟି ହୋଇଥିଲା ତାହାକୁ ବଳଦେବ ପ୍ରତିବାଦ କରି କହିଛନ୍ତି "ଯଦି ସମଗ୍ର ମାନବସମାଜ ବିଲୁପ୍ତ ହେବ, ତେବେ ତାକୁ ସ୍ମରଣ କରିବ କିଏ ? ଇତିହାସ ଲେଖିବ କିଏ ? ଏହାକୁ ପଢ଼ିବ କିଏ" ?(ପୃ-୧୪)

ଏଠାରେ କଥକ ଆଉ ଏକ Textକୁ ଅନ୍ତର୍ଭୁକ୍ତି ମାଧ୍ୟମରେ ପରିବେଷଣ କରିଛନ୍ତି ଏବଂ ସେଇଟି ହେଉଛି ବୌଦ୍ଧଧର୍ମ କାହିଁକି ଭାରତରେ ତିଷ୍ଠି ପାରିଲା ନାହିଁ। କଥକ ଏଠାରେ କହୁଛନ୍ତି ଯେ "ବୌଦ୍ଧ ଧର୍ମର ଯେତେ ଯାହା ଥିଲେ ମଧ୍ୟ ତାହା ଏକ ଜୀବନବିମୁଖୀ ତତ୍ତ୍ୱ ହୋଇଥିବାରୁ ତାହା ହୁଏତ ତିଷ୍ଠି ପାରିଲା ନାହିଁ। ଦ୍ୱିତୀୟରେ ସେ କହିଛନ୍ତି ଜୀବନର ଆଧାର ଦୁଃଖ ନୁହେଁ ଆନନ୍ଦ। ବେଦ ଉପନିଷଦ ପରିବେଷିତ ଏ ତତ୍ତ୍ୱକୁ ଯିଏ ଯେତେ ଅସ୍ୱୀକାର କଲେ ବି ଏହା ମୌଳିକ ସତ୍ୟ। ତେଣୁ ହେ ଅମରନାଥ ! ତମ ପ୍ରଦର୍ଶିତ ମହାମୃତ୍ୟୁ ମାର୍ଗ ସର୍ବଜନ ଗୃହୀତ ହେବାର ମହାବିଡ଼ମ୍ବନା। ତା' ଛଡ଼ା ମଣିଷଙ୍କ ତମକଥା ମାନିନେଇ ବିଲୟ ଲଭିଲେ ବି ଦୁଃଖ ଯନ୍ତ୍ରଣା ତିଷ୍ଠି ରହିବ - ଜନ ସଂଖ୍ୟାଠାରୁ ବହୁଗୁଣ ଅଧିକ ମନୁଷ୍ୟେତର ପ୍ରାଣୀ ଜଗତ ଭିତରେ। ସମସ୍ତ ପଶୁପକ୍ଷୀ କୀଟପତଙ୍ଗଙ୍କୁ ତମେ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇ ପାରିବ ନାହିଁ। ଜୀବନ ମଣିଷ ଭିତରେ ସୀମାବଦ୍ଧ ନୁହେଁ।" (ପୃ-୧୪-୧୫)

ଏମିତି ବହୁବିଧ ଚିନ୍ତାର ତରଙ୍ଗ ଭିତରେ ଅମରନାଥ ଗାଡ଼ି ଚଳାଇ ଚଳାଉ ଗାଡ଼ିଟିକୁ ଗୋଟିଏ ଟେଲିଫୋନ୍ ବୁଥ୍ ପାଖରେ ରଖିଲେ। ତା'ପରେ ତାଙ୍କ ୨ ବନ୍ଧୁ ଚୌଧୁରୀଙ୍କୁ ଫୋନ୍ କଲେ । ଫୋନ୍‌ରେ ସେ କିଛିଦିନ ପାଇଁ ନିରୁଦ୍ଦେଶ ହୋଇଯାଉଛନ୍ତି ବୋଲି ବନ୍ଧୁ ଚୌଧୁରୀ ବାବୁଙ୍କୁ କହିଲେ। ତା ପରେ ଅମରନାଥ କାର୍‌ରେ ଇଞ୍ଜିନ ଭର୍ତ୍ତିକରି ଉତ୍ତର ଅଭିମୁଖୀ ହେଲେ। ଲୁହ ଝରି ପାରିହେଲା ବେଳକୁ ଟୋପା ଟୋପା ବୃଷ୍ଟି ଅଚିରେ ମୁଷଳ ଧାରାରେ ପରିଣତ ହେଲା। ସେଇ ବୃଷ୍ଟିପାତ ଭିତରେ ସେ ନିଜ ଅଜ୍ଞାତସାରରେ ବଳଦେବଙ୍କ କୋଠା ସାମ୍ନାରେ ଉପସ୍ଥିତ ହୋଇସାରିଥିଲେ। ବଳଦେବ ଅମରନାଥଙ୍କୁ ଅଭିବାଦନ କଲେ ଏବଂ କହିଲେ ଦୁଇହଜାର ବର୍ଷ ତଳେ ଭର୍ତ୍ତୃହରି ହଠାତ୍ ଏମିତି ବାହାରି ଆସିଥିଲେ । କିନ୍ତୁ ତାଙ୍କୁ ହଠାତ୍ କୁହାଯାଇପାରିବ କି ? ହଠାତ୍ ବୋଲି କିଛି ନାହିଁ - ଅମରନାଥ। ସବୁପଦକ୍ଷେପ ପଛରେ ଥାଏ ପ୍ରଚ୍ଛନ୍ନ ପ୍ରସ୍ତୁତି। (ପୃ-୧୭) 'ହଠାତ୍ ବୋଲି କିଛି ନରହିବା' ତତ୍ତ୍ୱଟି ମଧ୍ୟ ଅଧିକଥାର ପରିସର ଭୁକ୍ତ ଏକ ଉପାଦାନ ।

ଅମରନାଥ ଯେଉଁ କୋଠା ସମ୍ମୁଖରେ ନିଜ ଅଜ୍ଞାତସାରରେ ଯାଇ ପହଁଞ୍ଚିଲେ, ସେହି କୋଠା ଭିତରେ ଏଯାଏଁ ସୁରକ୍ଷିତ ହୋଇ ରହିଥିଲା ଭର୍ତ୍ତୃହରିଗୁମ୍ଫା । ସେଇଠି ଭର୍ତ୍ତୃହରି ବାରବର୍ଷ କାଳ ତପସ୍ୟା କରିଥିଲେ। ଅମରନାଥ ସେହି କୋଠାର ଅନତିଦୂରରେ ଥିବା ଗଙ୍ଗାନଦୀରେ ସ୍ନାନ କରି ଗୈରିକ ବସ୍ତ୍ର ପରିଧାନ କଲେ ଏବଂ ବଳଦେବଙ୍କ ଅନୁରୋଧ କ୍ରମେ। ଭର୍ତ୍ତୃହରି ସଂକ୍ରାନ୍ତୀୟ ଯେଉଁ ପ୍ରାଚୀନ ପାଣ୍ଡୁଲିପି ଥିଲା, ତାହାକୁ ପୁନର୍ଲିଖନ କରିବାପାଇଁ ବଦ୍ଧପରିକର ହେଲେ । ଚେତନାର ଏକାଧିକ ସ୍ତରରେ ଭର୍ତ୍ତୃହରିବୃତ୍ତାନ୍ତ ଜ୍ଞାତହୋଇ ଅମରନାଥ ତା'ର

ସ୍ଥୁଳ ତଥା ବହିର୍ଭୂତ ତାତ୍ପର୍ଯ୍ୟଗତ ସ୍ତରକୁ ପୁନଶ୍ଚ ସମକାଳସର୍ବସ୍ୱ ଜୀବନଭୂମି ଅତଳକୁ ନେଇଆସି ତାକୁ ଆଉଥରେ ଲେଖିବାପାଇଁ ପ୍ରୟାସ କରେ। ଏବଂ ଆରମ୍ଭ ହେଲା ଏକ ନୂତନ ସୂର୍ଯ୍ୟୋଦୟ। ଚେତନାର ସୂର୍ଯ୍ୟୋଦୟ ? ନବଜନ୍ମର ଶିହରଣ ଏବଂ ଆଲୋଚ୍ୟ ଅଧିକଥାର ଅବଶିଷ୍ଟ କଥାୟନର ସାମଗ୍ରିକତା।

ଏଇଠି ଗୋଟିଏ କଥା ବିଚାର୍ଯ୍ୟ ଯେ ଅଧିକଥାରେ ଯେଉଁ ସ୍ୱୟଂବାଚକତା ରହିଛି ସେଇଠି ବୁଝାଯାଏ ଯେ ସମସ୍ତ ସାରସ୍ୱତ ରଚନାର ପରିତଳ ରହିଛି ଏବଂ ଏହି ପରିତଳ ହେଉଛି ସମଗ୍ର ସାହିତ୍ୟିକ ରଚନାର କେନ୍ଦ୍ରୀୟ ଭୂମିଖଣ୍ଡ ଏବଂ ଏହି କେନ୍ଦ୍ରୀୟ ଭୂମିଖଣ୍ଡ ସମସ୍ତ ସାହିତ୍ୟକୃତିର ବିଶ୍ଳେଷଣଗତ ଆଭିପ୍ରାୟିକତା ମଧ୍ୟରେ ରହିଥାଏ। ଏହା ଏକ ପ୍ରକାର୍ଯ୍ୟ। ଏହି ପ୍ରକାର୍ଯ୍ୟ ମାଧ୍ୟମରେ ପାଠକକୁ ବୁଝାଇବାକୁ ଚେଷ୍ଟା କରାଯାଇଥାଏ ଯେ ସେମାନେ ସାହିତ୍ୟକୃତିର ଅଧ୍ୟୟନ କରୁନାହାନ୍ତି ବରଂ ଏକ ପ୍ରକ୍ରିୟା ମଧ୍ୟରେ ରହିଛନ୍ତି ଏବଂ ଏହି ପ୍ରକ୍ରିୟା ମଧ୍ୟଦେଇ ସେମାନେ ବିଶ୍ୱକୁ ଏକ ସାହିତ୍ୟକୃତି ଭାବରେ ଅଧ୍ୟୟନ କରୁଛନ୍ତି । ଯେଉଁ ଅଧ୍ୟୟନ ତଥା ବିଶ୍ଳେଷଣ ତଥା କେନ୍ଦ୍ରୀୟ ଭୂମିଖଣ୍ଡ ଏହି ପ୍ରଥମ ପରିଚ୍ଛେଦଠାରୁ ହିଁ ବହମାନ ହେଉଛି ।

